# ଖଇରପୁଟ ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ

## ବୈଠକ ବର୍ଜନ କଲେ ସମିତି ସଭ୍ୟ

ଖଇରପୁଟ, ୪ ।୨(ସମିସ): ମାଲକାନଗରି ଜିଲ୍ଲା ଖଇରପୁଟ ବ୍ଲକରେ ପ୍ରବଳ ହଟଗୋଳରେ ନିର୍ବାଚିତ ପ୍ରତିନିଧମାନେ ସମିତି ବୈଠକ ବର୍ଜନ କରିଛନ୍ତି । ପ୍ରଥମେ ବିଭିନ୍ନ ବିଭାଗର ସମୀକ୍ଷା ଶେଷ ହେବା ପରେ ଉନ୍ନୟନ ବିଭାଗର ସମୀକ୍ଷା ବେଳକୁ ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କର ବ୍ଲକ ପ୍ରଶାସନ ଅଧିକାରୀଙ୍କ ସହ ବିତର୍କ ଆରମ୍ଭ ହୋଇଥିଲା । ଖଇରପୁଟ ବ୍ଲକ୍‌ରେ ବିଭିନ୍ନ ପ୍ରକାରର ଉନ୍ନୟନ ମୂଳକ କାମ ଚାଲୁରହିଥିବା ବେଳେ ଉକ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କୁ ସମ୍ପୂର୍ଣ ଅଣଦେଖା କରାଯାଉଥିବା ଅଭିଯୋଗ ଆଣିଥିଲେ ଜନ ପ୍ରତିନିଧି । କେବଳ କିଛି ନିର୍ଦ୍ଦିଷ୍ଟ ଦଳଗତ ନେତାଙ୍କୁ ପ୍ରାଧାନ୍ୟ ଦେଇ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ପୁରାପୁରି ଅଣଦେଖା କରୁଛି ବ୍ଲକ ପ୍ରଶାସନ । ସରପଞ୍ଚ କି ସମିତି ସଭ୍ୟ ପ୍ରତିନିଧିଙ୍କୁ ସମ୍ପୂର୍ଣ ଅଣଦେଖା କରି କେବଳ ନିର୍ଦ୍ଦିଷ୍ଟ ଦଳର ଲୋକଙ୍କୁ କାମ ଦେବାକୁ ମନ ବଳାଉଛି ବ୍ଲକ ପ୍ରଶାସନ । ଏ ବାବଦରେ ଜିଲ୍ଲା ସରପଞ୍ଚ ସଭାପତି ତଥା ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲି ଦୃଢ଼ ଯୁକ୍ତି ବଢ଼ିବା ପରେ ସମସ୍ତ ପ୍ରତିନିଧିଙ୍କ ଦ୍ୱାରା ସମିତି ବୈଠକକୁ ବର୍ଜନ କରାଯାଇଛି ଏବଂ ଚେତାବନୀ ମଧ୍ୟ ଦିଆଯାଇଛି । ଯଦି ଏ ବାବଦରେ କୌଣସି ନିଷ୍କର୍ଷ ନ ବାହାରେ, ତେବେ ଆଗକୁ ଆଉ କୌଣସି ସମିତି ବୈଠକରେ ଖଇରପୁଟ ବ୍ଲକ୍‌ର ଜନପ୍ରତିନିଧି ଯୋଗ ଦେବେ ନାହିଁ କି ଗାଁ ରେ ଆଉ ଗ୍ରାମ ସଭା ମଧ୍ୟ କରାଇବେ ନାହିଁ ବୋଲି କହିଛନ୍ତି । ଗଣମାଧ୍ୟମ ପ୍ରତିନିଧିମାନେ ଦିନ ତମାମ ବ୍ଲକ ସମ୍ମୁଖରେ ରହିଥିବା ବେଳେ ବୈଠକକୁ କିନ୍ତୁ ସେମାନଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ଏ ବାବଦରେ ଆମେ ଖଇରପୁଟ ବ୍ଲକ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ବେହେରାଙ୍କୁ ପଚାରିବାରୁ ଘଟଣାକୁ ସ୍ୱୀକାର କରିବା ସହ ଏହାକୁ ନେଇ ଏକ ଆଲୋଚନା କରାଯିବ ବୋଲି କହିଥିଲେ ।

# ୟୁଜିଏମ୍‌ଆଇଟିରେ ମଧୁବାବୁଙ୍କ ଶ୍ରାଦ୍ଧ ଦିବସ



ରାୟଗଡ଼ା,୪।୨(ସମିସ): ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ପ୍ରଗତି ପୁରୁଷ କୁଳବୃଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଶ୍ରାଦ୍ଧ ଦିବସ ରାୟଗଡାର ସ୍ଥାନୀୟ ୟୁଜିଏମ୍‌ଆଇଟି ମହାବିଦ୍ୟାଳୟରେ ପାଳିତ ହୋଇଛି । ଏହି ଅବସରରେ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ଥିବା ମଧୁସୂଦନ ଦାସଙ୍କର ପ୍ରତିମୂର୍ତ୍ତିରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଦୀପ କୁମାର ଖଟୁଆ, ଅନୁଷ୍ଠାନର ଅବସରପ୍ରାପ୍ତ ପୂର୍ବତନ ଅଧ୍ୟକ୍ଷ ଏମ୍.ଏସ୍.ରାଓ, ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡାର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ପୁରାତନ ଛାତ୍ର ସବ୍ୟସାଚୀ ସାହୁ, ବିଭାଗୀୟ ମୁଖ୍ୟ ବରିଷ୍ଠ ଅଧ୍ୟାପିକା ପ୍ରତିଭା ପାତ୍ର, ବିଧୁ ଭୂଷଣ ଶବର, ଶ୍ରୀକାନ୍ତ ଠାକୁର, କେ. ସୁମନ ରାଓ, ରୀତାଞ୍ଜଳୀ ପଣ୍ଡା, ଦୀପକ କୁମାର ନାୟକ ଏବଂ ଅତିଥି ଅଧ୍ୟାପକ ଅଧ୍ୟାପିକାବୃନ୍ଦ ସମସ୍ତ କର୍ମଚାରୀ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତ ମଧୁସୂଦନ ଦାସଙ୍କର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ବଳିଦାନର କାହାଣୀ ସମ୍ବନ୍ଧରେ ସ୍ମୃତି ଚାରଣ କରିଥିଲେ । ଅତିଥିଗଣ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସ କେବଳ ଏକ ବ୍ୟକ୍ତି ନ ଥିଲେ, ସେ ଥିଲେ ଓଡ଼ିଆ ଜାତୀୟ ଚେତନାର ଏକ ଯୁଗାନ୍ତକାରୀ ଆନ୍ଦୋଳନ । ଜ୍ୟୋତି ପ୍ରକାଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଝୀଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




କଲ୍ୟାଣସିଂହପୁର,୪।୨ (ସମିସ): ରାୟଗଡା ଜିଲ୍ଲା ଅନ୍ତର୍ଗତ କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡା ପଞ୍ଚାୟତ ସଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନରାଓ କଣ୍ଡାଗରୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଦେବଗିରି ମହାବିଦ୍ୟାଳୟର ଅଧ୍ୟକ୍ଷ ଯୋଗେଶ୍ୱର ଗରଡ଼ା ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ ଜାଡ୍ଡୀ ଏଣ୍ଡୁ, ଡଃ ପ୍ରମୋଦ କୁମାର ମିଶ୍ର ସିଆରସିସି କଲ୍ୟାଣସିଂହପୁର , ଭୋମି ମାଧବ ରାଓ, କୁମାରୀ ଶାନ୍ତି କଣ୍ଡାଗରୀ ସରପଞ୍ଚ ମାଝୀଗୁଡା, ଜି. ଶିବା ପ୍ରସାଦ, ଶରତ କରକରିଆ ସିଆରସିସି ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କମଳେନ୍ଦୁ ଗାଇନ ମଞ୍ଚାସୀନ ରହିଥିଲେ । ଛାତ୍ରଛାତ୍ରୀମାନେ ରଙ୍ଗୀନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଶନ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ । କ୍ରୀଡା, ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇ ସମ୍ମାନିତ କରାଯାଇଥିଲା ।

# ଭିବି ଜୀ ରାମ୍ ଜୀ କର୍ମଶାଳା

ଗୁଡ଼ାରୀ, ୪।୨(ସମିସ): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକ୍ରମଣ ଚିନ୍ତା ଶକ୍ତି ବଳରେ ଦେଶର ତୃଣମୂଳ ସ୍ତରରେ ଲୋକଙ୍କ ଜୀବନ ଜୀବିକାରେ ସୁଧାର ଆଣିବା ପାଇଁ ଭିବି ଜି ଆରଏଏମ୍ ଜି ଭଳି ବୈପ୍ଳବିକ ଯୋଜନା ଲାଗୁ କରି ଗରିବଙ୍କ ପାଇଁ ନୂଆ ଇତିହାସ ରଚିଛନ୍ତି । ଏହି ଯୋଜନାର ମହତ୍ତ୍ୱ ସାଧାରଣ ଲୋକଙ୍କ ନିକଟକୁ ପହଞ୍ଚାଇବା ପାଇଁ ନଗର ମଣ୍ଡଳ ସ୍ତରରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ସେହି କର୍ମଶାଳାରେ ଜିଲ୍ଲା ସାଧାରଣ ସମ୍ପାଦକ ବନମାଳୀ ଗୋମାଙ୍ଗ, ଜିଲ୍ଲା ସହ ସଂଯୋଜକ ଶ୍ରୀନିବାସ ସ୍ୱାଇଁ, ସାହସଂଯୋଜିକା ଜିଲ୍ଲା ଉପସଭାନେତ୍ରୀ ଗୌରୀ ମଣ୍ଡାଙ୍ଗୀ, ନଗର ସଭାପତି ଜଗଦୀଶ ନାୟକ, ସାଧାରଣ ସମ୍ପାଦକ ଅନିଲ ନନ୍ଦ ଏବଂ ବିଜେପିର ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ମାଥିଲି,୪।୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସ୍କୁଲ ଓ ଗଣଶିକ୍ଷା ଏବଂ ଆଦିବାସୀହରିଜନଓସଂଖ୍ୟାଲଘୁବିକାଶମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମଙ୍ଗୁ ଖିଲ, ମାଲକାନଗିରି ନିର୍ବାଚନ ମଣ୍ଡଳୀର ବିଧାୟକ ନରସିଂହ ମାଡକାମୀ, ମାଲକାନଗିରି ଉପ ଜିଲ୍ଲାପାଳ ତଥା ଜିଲ୍ଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାପତି ଦୁର୍ଯ୍ୟୋଧନ ଭୋଇ । ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା, ନବରଙ୍ଗପୁର ଲୋକସଭା ସାଂସଦ ବ୍ଲକ ପ୍ରତିନିଧି ବନମାଳୀ ବରଜା, ମାଥିଲି ଜିଲ୍ଲା ପରିଷଦ ଜୋନ-୩ ସଭ୍ୟା ସସ୍ମିତା ମାଝୀ, ସଦର ସରପଞ୍ଚ କାନାମ ରାଜୁ ନାୟକ, ସଦର ପଞ୍ଚାୟତ ସମିତି ସଭ୍ୟ ତଥା ଯୁବ ନେତା ବାଲରାଜୁ କୋପେ, ଜିଲ୍ଲା ଆଦିବାସୀ ମହାସଂଘର ସଭାପତି ବନ୍ଧୁ ମୁଦୁଲି, ମାଲକାନଗିରି ଜିଲ୍ଲା ବିଜେପି ସଭାପତି ଅଶୋକ କୁମାର ପରିଡା, ମାଥିଲି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ.ପ୍ରମୋଦ କୁମାର ବେହେରା, ତହସିଲଦାର ସୁଶ୍ରୀ ମାନସୀ ଭୋଇ,ସହକାରୀ ଜିଲ୍ଲାପାଳ ଅଜୟ କୁମାର ମାଣ୍ଡାଙ୍ଗି,ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସମାଜସେବୀ ସ୍ମୃତି ରଞ୍ଜନ ,ସମାଜସେବୀ ସତ୍ୟନାରାୟଣ ରାଓ, ଚାଉଳମେଦୀ ସରପଞ୍ଚ ଜଳନ୍ଧର ନାୟକ ମାଥିଲି ରେ ପହଞ୍ଚିବା ପରେ ବିଦ୍ୟାଳୟ ର ଅଧ୍ୟକ୍ଷ ଡକ୍ଟର ସୁବ୍ରତ କୁମାର ଭଦ୍ର, ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ମାଥିଲି ଥାନା ନିକଟରୁ ପୁଷ୍ପ ଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଛାତ୍ରଛାତ୍ରୀ ମାନେ ଆଦିବାସୀ ନୃତ୍ୟ ତଥା ଢେମସା,ବଣ୍ଡା ଓ ଦୁରୁଆ ନୃତ୍ୟ ପରିବେଷଣ କରି ବିଦ୍ୟାଳୟର ମଞ୍ଚ ନିକଟକୁ ପାଛୋଟି ନେଇଥିଲେ । ଅତିଥିମାନେ ମଞ୍ଚ ନିକଟରେ ପହଞ୍ଚିଥିଲେ । ରାଜ୍ୟ ସରକାର ଆଗାମୀ ତିନି ବର୍ଷରେ ୪୫୦୦୦ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଜିଲ୍ଲାରେ ଆଦର୍ଶ ଗୋଦାବରୀଶ ବିଦ୍ୟାଳୟ ପାଇଁ ରାଜ୍ୟ ସରକାର ଧାର୍ଯ୍ୟ କରିଛନ୍ତି ।ତାହା ସହିତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୋଟିଏ ଛାତ୍ରୀ ନିବାସ କରିବା ପାଇଁ ସରକାର ପ୍ରସ୍ତାବ ରହିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ମତ ପ୍ରକାଶ କରିଛନ୍ତି । ବିଦ୍ୟାଳୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବାର୍ଷିକ ଉତ୍ସବକୁ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଶ୍ର ଭଦ୍ର ମଞ୍ଚ ପରିଚାଳନା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଶହ ଶହ ଛାତ୍ରଛାତ୍ରୀ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ ।

# ମାଲକାନଗିରି କଳିଙ୍ଗ ବୈଶ୍ୟ ସଂଘର ସମାବେଶ




ମାଲକାନଗିରି, ୪ ।୨(ସମିସ): ମାଲକାନଗିରି କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ସ୍ଥାନୀୟ ଏମ୍‌ଭି ୧୧ ଗ୍ରାମ ନିକଟରେ ବାର୍ଷିକ ଉତ୍ସବ ବା ବନ୍ଧୁମିଳନ ଆୟୋଜିତ ହୋଇଯାଇଛି । ସର୍ବ ପ୍ରଥମେ କୂଳଦେବୀ କନ୍ୟକା ପରମେଶ୍ୱରୀଙ୍କ ତୈଳ ଚିତ୍ରନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ବିଭିନ୍ନ ଅଞ୍ଚଳ ସଂଘ ଯଥା କାଲିମେଳା, ମାଥିଲି, ବାଲିମେଳା, ଚିତ୍ରକୋଣ୍ଡା ସଂଘର ମୁଖିଆ ପୃଷ୍ଟି, ସମ୍ପାଦକଙ୍କୁ ସ୍ୱାଗତ ପୂର୍ବକ ମଞ୍ଚାସୀନ ହେବାକୁ ଅନୁରୋଧ କରାଯାଇଥିଲା । ସମସ୍ତ ମଞ୍ଚାସୀନ ଅତିଥିଙ୍କୁ କର୍ପୁରମାଳ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହା ସହ ମଞ୍ଚରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶିଶୁ ମାନଙ୍କ ନୃତ୍ୟ ବେଶ୍ ଚିତାକର୍ଷକ ହୋଇଥିବା ବେଳେ ମହିଳାଙ୍କ ସମବେତ ନୃତ୍ୟ ପ୍ରଶଂସା ସାଉଁଟି ଥିଲା । ଆଜିର ଏହି କାର୍ଯ୍ୟକ୍ରମକୁ ବୈଶ୍ୟ ସଂଘ ଯୁବବହିନୀ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବେଳେ ଜିଲ୍ଲା ସମସ୍ତ ବରିଷ୍ଠ ସଦସ୍ୟ ଏହିଭଳି କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଦୁଇ ସମାଜସେବୀ ସରୋଜ ପାତ୍ର ଓ ଡି ନାଗାଙ୍କୁ ସମ୍ମାନିତ କରାଯାଇଥିଲା ।

# ବିଶ୍ୱନାଥ ଶବରଙ୍କୁ ଗୁଡ଼ାରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଦାୟିତ୍ୱ



ଗୁଡାର,୪।୨(ସମିସ): ଗୁଡାରୀ ପଞ୍ଚାୟତ କାର୍ଯ୍ୟାଳୟରେ ଅଧ୍ୟକ୍ଷ ପଦକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ବୁଧବାର ଦିନ ଅନ୍ତ ଘଟିଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗୁଡାରୀ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ପଦ ରଦ୍ଦ ହେବା ପରେ ୧୬ ଜଣ ସମିତି ସଭ୍ୟ ଏବଂ ସରପଞ୍ଚ ଅନାସ୍ଥାରେ ବିଜୟ ହାସଲ କରିଥିଲେ । ଏହାକୁ ନେଇ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର । ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ଶବର ଅଧ୍ୟକ୍ଷ ପଦରେ ଆସନ ଗ୍ରହଣ କରିଛନ୍ତି । ଏମିତିରେ ଶ୍ରୀମତି ଲକ୍ଷ୍ମୀ ଶବରଙ୍କୁ ପଦରୁ ହଟାଇବା ପାଇଁ ପ୍ରଥମେ ଅସନ୍ତୁଷ୍ଟ କଂଗ୍ରେସ ଏବଂ ବିଜେଡି ଦଳର ବରିଷ୍ଠ ନେତାଙ୍କ ତତ୍ତ୍ୱାବଧାନରେ ଅନାସ୍ଥା ପ୍ରସ୍ତାବ ଅଣାଯାଇ ଥିବାବେଳେ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଗୁଣପୁର ପୌର ପରିଷଦ ଉପଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ (ସାନଗୌଡ) ଏବଂ ବିଜେଡି ବରିଷ୍ଠ କର୍ମୀ ର୍ ସମିତ୍ କୁମାର ତୁଲ(ଟନି) ସମସ୍ତଙ୍କ ମିଳିତ ଉଦ୍ୟମରେ ପଞ୍ଚାୟତର ସମସ୍ତ ପି ଆରଆଇ ମେମ୍ବର ଅନାସ୍ଥା ଆଣିଥିଲେ । ଫଳରେ ଅଧ୍ୟକ୍ଷା ଲକ୍ଷ୍ମୀ ଶବର ଅନାସ୍ଥାରେ ପରାଜିତ ହୋଇଥିଲେ । ବୁଧବାର ମାଧ୍ୟାହ୍ନ ୧୧ଟା ସମୟରେ ସମସ୍ତ ଦଳର ଦଳୀୟ କର୍ମୀ ଏବଂ ୧୬ ଜଣ ପିଆରଆଇ ମେମ୍ବର ଉପସ୍ଥିତି ରହି ଗୁଣପୁର ଶିବ ପ୍ରସାଦ ଗୌଡ଼ (ଉପାଧ୍ୟକ୍ଷ) ଗୁଡ଼ାରୀରେ ପହଞ୍ଚିବା ପରେ ତାଙ୍କୁ ଫୁଲମାଳ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ବିଡିଓ ସୁଶ୍ରୀ ସୁଚିସ୍ମିତା ବେହେରା ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବିଶ୍ୱନାଥ ଶବରଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିବା ପରେ ଶ୍ରୀ ଶବର କୋଠରୀକୁ ଯାଇ ନିଜ ଆସନ ଗ୍ରହଣ କରିବା ସହ କାର୍ଯ୍ୟାଳୟର ନଥିପତ୍ରରେ ସ୍ୱାକ୍ଷର କରିଥିଲେ । ଆସନ ଗ୍ରହଣ ପରେ ଅଧ୍ୟକ୍ଷ ବିଶ୍ୱନାଥ କହିଛନ୍ତି, ମୁ ସର୍ବସମ୍ମତି କ୍ରମେ ପଦପାଇଛି । ଏଣୁ ସମସ୍ତଙ୍କ ସହଯୋଗରେ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ କରିବି । ଏହି ସମାରୋହରେ ଶତାଧିକ କର୍ମୀ ଏବଂ ବରିଷ୍ଠ କଂଗ୍ରେସ ନେତା ରଘୁନାଥ ପାତ୍ର, ଶାନ୍ତି ପୂଜାରୀ, ନୀଳକଣ୍ଠ ସାହୁ ସ୍ଥାନୀୟ ବିଜେଡି ଜନପ୍ରତିନିଧି କେଦାର ସାହୁ, ସନ୍ତୋଷ ମହାନ୍ତି, ଏମ୍ ପ୍ରସାଦ ରାଓ ଉପସ୍ଥିତ ଥିବା ବେଳେ ବିଜେପି ନଗର ସଭାପତି ଜଗଦୀଶ ନାୟକ, ମଣ୍ଡଳ ସଭାପତି ଅନନ୍ତ ଦେଓ ଉପସ୍ଥିତ ଥିଲେ । ଗୁଡାରୀ ବ୍ଲକରେ ବିଜେପିର ଦବଦବା ନ ଥିବା ବେଳେ ଏହି ଅଧ୍ୟକ୍ଷ ପଦର ଶୋଭାଯାତ୍ରାରେ ଯୋଗଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି କାର୍ଯ୍ୟକ୍ରମରେ ବିଜେଡି, ବିଜେପି ଏବଂ କଂଗ୍ରେସ ନେତା ଏବଂ କର୍ମୀ ଯୋଗ ଦେଇଥିଲେ ।

# ବିଶ୍ୱ କର୍କଟ ଦିବସ

ପଦ୍ମପୁର,୪।୨(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକରେ ଅବସ୍ଥିତ ତ୍ରିବେଣୀ ଜିଏନ୍‌ଏମ୍ କଲେଜ ଦ୍ୱାରା ବିଶ୍ୱ କର୍କଟ ଦିବସ ଅବସରରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ସୁଚାରୁରୂପେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ତ୍ରିବେଣୀ କଲେଜ ଚେୟାରମ୍ୟାନ ସ୍ୱାଗତ ସେଖର ଜେନା ମୁଖ୍ୟ ଅଥିତି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ମନୁଷ୍ୟର ସର୍ବୋତ୍ତମ ସମ୍ପଦ, ଏହାର ସୁରକ୍ଷା ଓ ଯତ୍ନ ନେବା ପ୍ରତ୍ୟେକଙ୍କ ନିଜସ୍ୱ ଦାୟିତ୍ୱ ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ କଲେଜ ସିଇଓ ଅନିତା ମିଶ୍ର, ପ୍ରିନସିପାଲ ସରସ୍ୱତୀ ପ୍ରଧାନ, ମୁଖ୍ୟ ହିସାବ ରକ୍ଷକ ରଞ୍ଜନ ସାହୁ, ସିଏଓ ମନ୍ମଥ ଲିମା ସହ ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ସିଇଓ ଅନିତା ମିଶ୍ର ଯୋଗ ଓ ସଚେତନତା ମାଧ୍ୟମରେ କର୍କଟ ରୋଗ ପ୍ରତିରୋଧର ଗୁରୁତ୍ୱ ବିଷୟରେ ବାର୍ତ୍ତା ଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ଜିଏନଏମ୍ କଲେଜ ଠାରୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଏକ ସଚେତନତାମୂଳକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଶୋଭାଯାତ୍ରାରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ଶେଖର ସାମଲ ଯୋଗଦାନ କରି ବର୍ତ୍ତମାନ ପରିସ୍ଥିତିରେ ଯୁବପୀଢ଼ି ପାନ, ଗୁଟଖା, ଭଳିଅଭ୍ୟାସ ଯୋଗୁଁ ମୁଖ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ଯୋଗୁଁ କୁ ଅଭ୍ୟାସ ପରିତ୍ୟାଗ କରି ଏହି ଭୟାଭୟ ରୋଗକୁ ହଟାଇବାକୁ ପରାମର୍ଶ ଦେଇଥିଲେ । ଡାକ୍ତରଖାନାରେ ବିପିଓ ମନୋଜ ପଣ୍ଡା ,ଷ୍ଟାଫ ନର୍ସ ସନ୍ତୋଷ କର ଏବଂ ବଳରାମ ସାହୁ ଆଦି ସମସ୍ତ ମେଡିକାଲ ଷ୍ଟାଫ ଉପସ୍ଥିତ ଥିଲେ । ଶେଷରେ କଲେଜ ମୁଖ୍ୟ ଶିକ୍ଷା ଓ କାର୍ଯ୍ୟକ୍ରମ ଅଧିକାରୀ ଗୋପାଳ କୃଷ୍ଣ ଦାମୋଦର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମଟି ସୁଚାରୁରୂପେ ସମାପ୍ତ ହୋଇଥିଲା ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ନନ୍ଦପୁର, ୪।୨ (ସମିସ): ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର ଠାରେ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଅମର କୁମାର ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିବା ସହିତ ଛାତ୍ରୀମାନେ ନିଜେ ସୁରକ୍ଷିତ ରହିବା ଏବଂ ସମାଜର ପ୍ରତ୍ୟେକ ବର୍ଗର ମହିଳା ମାନଙ୍କୁ ସୁରକ୍ଷା ଦେବାପାଇଁ ପରାମର୍ଶ ପ୍ରଦାନ କରିଥିଲେ । ପ୍ରଶିକ୍ଷିକା ମମତା ଚୈଧୁରୀ ତାଲିମ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ସଂଯୋଜିକା ଅଧ୍ୟାପିକା ସୁରଭି ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠୀ, ଏମ୍ ଜୟା, ଅର୍ଚ୍ଚନା ପାଢୀ, ସନ୍ତୋଷ ହନ୍ତାଳ, ଭଗବାନ ଖରା, ନରସିଂହ ଖୋସଲା, ବାବୁଲା ଚାଙ୍ଗୁଡିଆ, ସନ୍ତୋଷ କୁମାର ଦୋରା, ପଦଲାମ ଗଲରି, ବିଜୟ ଖିଲ ଓ ଉଷାରାଣୀ ଗୁଣ୍ଟା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କୋଷାଗୁମଡ଼ା ପ୍ରେସ୍ କ୍ଲବ୍‌ର ବନ୍ଧୁମିଳନ




କୋଷାଗୁମୁଡା,୪।୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ୍ ସନ୍ତୋଷପୁର ପଞ୍ଚାୟତର ଡଙ୍ଗରିଗୁଡା ଠାରେ କୋଷାଗୁମୁଡା ବ୍ଲକ୍ ପ୍ରେସ କ୍ଲବ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକର ତିନିଦଳର ରାଜନେତା, ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀ ଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକ୍ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ନବରଙ୍ଗପୁର ସାଂସଦ ପ୍ରତିନିଧି ସୁରେଶ ପାତ୍ର, ବିଜେପି ଜିଲ୍ଲା ସଭାପତି କୁଞ୍ଜବିହାରୀ ଦାସ, ସମାଜସେବୀ ବଦ୍ରିନାରାୟଣ ସିଂ, ହରିବନ୍ଧୁ ମାଝୀ, ଲକ୍ଷ୍ମଣ ପୂଜାରୀ, ଭୁବନେଶ୍ୱର ନାୟକ, କେ ଏନ ରାଜୁ, ସଂଜୀବ ବିଶୋଇ, ଧନୁର୍ଜୟ ବିଶୋଇ, ପଦ୍ମସାଇ ମାଳି, ବାବୁଲି ବାଘ, ଯୁଗଧର ହରିଜନ, ବିଡିଓ ଆଶିଷ ତ୍ରିପାଠୀ, ବ୍ଲକ କନିଷ୍ଠ ଯନ୍ତ୍ରୀ, ପିଇଓ, କୃଷିଅଧିକାରୀ, ପ୍ରାଣୀ ଚିକିତ୍ସକ, ଥାନାଧିକାରୀ,ଏସ୍‌ଆଇ, ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ସହ କୋଷାଗୁମୁଡା ବ୍ଲକ୍‌ର ବିଭିନ୍ନ ଗଣମାଧ୍ୟମର ସାମ୍ବାଦିକ ମାନେ ଉପସ୍ଥିତ ଥିଲେ ।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ




ଉମରକୋଟ,୪।୨(ସମିସ): ଉରକୋଟ ବ୍ଲକ୍ ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ଦେବୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ସ୍କୁଲ ପଡ଼ିଆରେ ପହଞ୍ଚିବା ପରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ଓ ପରିଚାଳନା କମିଟି ସଭାପତି ଘାସିଆ ପୂଜାରୀ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ଛାତ୍ର ଓ ଛାତ୍ରୀ ମାନଙ୍କୁ ବିଭିନ୍ନ ବର୍ଗରେ ବିଭକ୍ତ କରାଯାଇ ପୁଚି, ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ମାର୍ବଲ ଚାମଚ, ତିନି ଗଡିଆ ଦୌଡ଼ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆଜି ଏହାର ଉଦ୍‌ଯାପନୀ ଦିବସରେ ଅଲିମ୍ପିକ ମୂଲ୍ୟ ବୋଧକ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ କ୍ରୀଡ଼ା ଆୟୋଜନ କରାଯାଇଥିଲା । ଏଥିରେ କପେନା ଉଚ୍ଚ ବିଦ୍ୟାଳୟ, ଉମରଗାଁ, ସରାଗୁଡ଼ା, ସ୍ୱର୍ଣ୍ଣପୁରୀ ଓ ଗୋଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୈଷ୍ଣବ ଚରଣ ସେଠୀ, ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କ୍ରୀଡାବିତ୍ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଶିକ୍ଷକ କୋଲିନ୍ ଦାସ, ଅଞ୍ଜନ ମଣ୍ଡଳ, ନରେନ୍ଦ୍ର ହରିଜନ, ସାଗରିକା ବୈଦ୍ୟ, ଦେବ କୁମାର ଦେ, ଶାଚିଦାନନ୍ଦ ମହାପାତ୍ର, ନିଖିଲ ବିଶ୍ୱାସ, ଶିବଶଙ୍କର ପତି, ସୁଧାଂଶୁ ଶେଖର ସାହୁ, ଏମ ଡି ସର୍ଫରାଜ, ଉତ୍ତମ ଦାସ, କରୁଣାକର ମାଝୀ, ଦୈମନ୍ ଭଦ୍ରା, ସଞ୍ଜିତ କୁମାର ସ୍ୱାଇଁ, ପ୍ରଦୀପ ରାଉତ, ମାନସ ସାହୁ, ନୀଳାମ୍ବର ଜାନି, ଜନ୍ମେଜୟ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଉଦ୍‌ଘାଟିତ



ରାୟଗଡା,୪।୨(ସମିସ): ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସଭାଗୃହରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ଉଦ୍‌ଘାଟନ ସମାରୋହ ଆୟୋଜିତ ହୋଇଛି । ବୈଠକରେ ଜିଲ୍ଲା ମୁଖ୍ୟ ବିକାଶ ଓ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୋସନର ବାର୍ଲା, ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାୟକ,ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ମୀନତି ଦେଓ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଏନ ଗୁଣାଶେଖର, ଉପ ନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ହିମାଂଶୁ ମୋହନ ଲେଙ୍କା, ଅତିରିକ୍ତ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଡି.ପି.ଏମ -ଏନ.ଏଚ.ଏମ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଅଭିଯାନର ଉଦ୍‌ଘାଟନ କରି ଯଥାସମୟରେ ତଥ୍ୟ ଅପଡେଟ୍ ଉପରେ ବିଶେଷ ଗୁରୁତ୍ୱ ବିଶେଷ ଭାବେ ଦେବାପାଇଁ କହିଲେ । ମୁନିଗଡ଼ା ବ୍ଲକକୁ ବିଶେଷ ଗୁରୁତ୍ୱ ଦେବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହି ବ୍ଲକରେ ସ୍ୱାସ୍ଥ୍ୟ, ପୁଷ୍ଟି, କୃଷି ଓ ଶିକ୍ଷା ସୂଚକମାନଙ୍କର ଶତପ୍ରତିଶତ ସମ୍ପୂର୍ଣ୍ଣତା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ବିଭାଗୀୟ ଅଧିକାରୀମାନେ ମଧ୍ୟରେ ସମନ୍ୱୟ ଓ ସମ୍ବନ୍ଧ ମଜବୁତ କରି ଜିଲ୍ଲାକୁ ଜାତୀୟ ସ୍ତରରେ ସର୍ବୋତ୍କୃଷ୍ଟ ଜିଲ୍ଲା ସ୍ୱରୂପେ ପ୍ରତିଷ୍ଠା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯାନର ପ୍ରସ୍ତୁତି ବୈଠକ ୨୯ ଜାନୁଆରୀରେ ଆୟୋଜିତ ହୋଇଥିଲା । ଅଭିଯାନର ଶୁଭାରମ୍ଭ ୦୩ ଫେବୃଆରୀ ସକାଳ ୮ ଘଟିକା ସମୟରେ ରାୟଗଡାରେ ବ୍ୟାପକ ରାଲି ଦ୍ୱାରା ହୋଇଥିଲା । ଯେଉଁଥିରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକମାନେ ଅଂଶଗ୍ରହଣ କରିଥିଲେ । ଏହି ୩ ମାସର ଅଭିଯାନ ଜାତୀୟ ସ୍ତରରେ ୨୮ ଜାନୁଆରୀ ୨୦୨୬ରୁ ଆରମ୍ଭ ହୋଇ ୧୪ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହି ସମ୍ପୂର୍ଣ୍ଣତା ଅଭିଯାନ ୨.୦ରେ ଆକାଂକ୍ଷି ଜିଲ୍ଲା କାର୍ଯ୍ୟକ୍ରମର ଅଂଶ ରୂପେ ୧୧୨ଟି ଜିଲ୍ଲାରେ ୫ଟି ସୂଚକ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ୫୧୩ଟି ବ୍ଲକରେ ୬ଟି ସୂଚକ ଉପରେ ଜାତୀୟସ୍ତରରେ କାର୍ଯ୍ୟ ହେବ । ଏହି ଅଭିଯାନର ମୁଖ୍ୟ ୩ଟି ସୂଚକ ହେଉଛି ସ୍ୱାସ୍ଥ୍ୟ ଓ ପୁଷ୍ଟି, କୃଷି ଏବଂ ଶିକ୍ଷା । ସ୍ୱାସ୍ଥ୍ୟ ଓ ପୁଷ୍ଟି ଅଧୀନରେ ଟିବି ରୋଗ ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ, ଶିକ୍ଷା ଅଧୀନରେ ବିଦ୍ୟାଳୟ ଓ ଅଙ୍ଗନବାଡ଼ିର କାର୍ଯ୍ୟକ୍ଷମ ମହିଳା ଶୌଚାଳୟ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ବିଶେଷ ଅଭିଯାନ ଅନୁଷ୍ଠିତ ହେବ । ବିଭିନ୍ନ ବିଭାଗର ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା ସହ ସଫଳତା କାହାଣୀ ସଂଗ୍ରହ କରିବେ । ପ୍ରତିମାସରେ ଅଗ୍ରଗତି ରିପୋର୍ଟ ଜମା କରିବା ଉପରେ ବିଶେଷ ଧ୍ୟାନ ଦିଆଯିବ । ୧୪ ଏପ୍ରିଲ୍ ବି.ଆର. ଆମ୍ବେଦକର୍ ଜୟନ୍ତୀରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ରେ ସର୍ବୋତ୍ତମ ଅଭ୍ୟାସ ପାଇଁ ପୁରସ୍କାର ପ୍ରଦାନ କରି ଅଭିଯାନର ସମାପ୍ତି ଘୋଷଣା କରାଯିବ । ଏହି ବୈଠକ ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ପ୍ରକଳ୍ପ ପରିଚାଳକ ନରେଶ ଶର୍ମା ପରିଚାଳନା କରିଥିଲେ ଏବଂ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଜିଲ୍ଲାରେ ସରକାରୀ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣତା ନିଶ୍ଚିତ ହେବ ବୋଲି ଶପଥ ନେଇଛନ୍ତି ।

ଡିଜିଟାଲ୍ ଇଣ୍ଡିଆ ଏମିତି

# ଜିଲ୍ଲାର ୧୪୯ଟି ଗାଁରେ ମୋବାଇଲ୍ ସୁବିଧା ନାହିଁ



ରାୟଗଡ଼ା, ୪।୨(ସମିସ): କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସଦରେ ଦିଆଯାଇଥିବା ଉତ୍ତରରେ ଆଦିବାସୀ ବହୁଳ ଓଡ଼ିଶାରେ ଡିଜିଟାଲ୍ ଅସମତାର ଭୟାବହ ଚିତ୍ରକୁ ସାମ୍ନାକୁ ଆଣିଛି। କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ୨୩୮ଟି ଗ୍ରାମ ଏପର୍ଯ୍ୟନ୍ତ ମୋବାଇଲ୍ ନେଟୱର୍କ ସଂଯୋଗରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ହୋଇ ରହିଛି ବୋଲି କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା ପ୍ରେସ ବିବୃତି ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଲୋକସଭାରେ ଉଠାଯାଇଥିବା ଏକ ସଂସଦୀୟ ପ୍ରଶ୍ନ ଆଦିବାସୀ ପ୍ରଧାନ ଓଡ଼ିଶାର ବ୍ୟାପକ ଡିଜିଟାଲ୍ ବାଦ୍‌ବିହୀନତାକୁ ସ୍ପଷ୍ଟ ଭାବେ ପ୍ରକାଶ କରିଛି। ସଂସଦରେ ଦିଆଯାଇଥିବା ଏହି ପ୍ରଶ୍ନର ଲିଖିତ ଉତ୍ତରରେ, କେନ୍ଦ୍ର ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛି ଯେ ୩୧ ଡିସେମ୍ବର ୨୦୨୫ ସୁଦ୍ଧା ସରକାରଙ୍କ ଦ୍ୱାରା ରେକର୍ଡରେ ରଖାଯାଇଥିବା ଅଧିକାରିକ ତଥ୍ୟ ଅନୁଯାୟୀ, ରାୟଗଡ଼ା ଜିଲ୍ଲାର ୨,୬୭୧ଟି ଗ୍ରାମ ମଧ୍ୟରୁ ୧୪୯ଟି ଗ୍ରାମରେ ମଧ୍ୟ ମୋବାଇଲ୍ ସଂଯୋଗ ଉପଲବ୍ଧ ନାହିଁ। ଫଳରେ ଏହି ଗ୍ରାମଗୁଡ଼ିକ କାର୍ଯ୍ୟକ୍ଷମ ୪ଜି ଡାଟା ସେବା ସହିତ ମୌଳିକ ଟେଲିଯୋଗାଯୋଗ ସୁବିଧାରୁ ବଞ୍ଚିତ ଅଛନ୍ତି। ବିବରଣୀରୁ ଜଣାପଡୁଛି ଯେ ମୋବାଇଲ୍ ସଂଯୋଗରୁ ବଞ୍ଚିତ ଗ୍ରାମଗୁଡ଼ିକ ପ୍ରଧାନତଃ ଆଦିବାସୀ, ପାହାଡ଼ିଆ ଏବଂ ଜଙ୍ଗଲ-ଘେରା ଅଞ୍ଚଳରେ କେନ୍ଦ୍ରିତ। ରାୟଗଡ଼ା ଜିଲ୍ଲାର ବିଷମକଟକ, କାଶୀପୁର, କଲ୍ୟାଣସିଂପୁର, ମୁନିଗୁଡ଼ା, ଗୁଣୁପୁର ଓ ରାୟଗଡ଼ା ବ୍ଲକରେ ମଧ୍ୟ ଏହି ଅଭାବ ଗଭୀର ଭାବେ ପ୍ରକାଶିତ। ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛି ଯେ, ଯଦିଓ ଡିବିଏନ ଯୋଜନା ଅଧୀନରେ ଶହ ଶହ ମୋବାଇଲ୍ ଟାୱାର ସ୍ଥାପନା ପାଇଁ ପରିକଳ୍ପନା କରାଯାଇଥିଲା, ତଥାପି ରାସ୍ତା ପ୍ରବେଶର ଅଭାବ, ଜମି ଆବଣ୍ଟନରେ ବିଳମ୍ବ, ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ପର୍କିତ ମଞ୍ଜୁରୀ, ଏବଂ ରାସ୍ତାର ଅଧିକାର ସମ୍ବନ୍ଧୀୟ ଅନୁମତି ଅଭାବ ଯୋଗୁଁ ଅନେକ ସ୍ଥାନରେ କାର୍ଯ୍ୟାନ୍ୱୟନ ବାରମ୍ବାର ବିଳମ୍ବିତ କିମ୍ବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇରହିଛି। ଅଧିକ ଚିନ୍ତାଜନକ ବିଷୟ ହେଉଛି, ମନ୍ତ୍ରଣାଳୟର ଉତ୍ତରରେ ସ୍ପଷ୍ଟ କରାଯାଇଛି ଯେ ସର୍ଭେ ସମୟରେ ଯେଉଁ ଗ୍ରାମଗୁଡ଼ିକରେ ଆଂଶିକ ମୋବାଇଲ୍ ସଂଯୋଗ ଥିଲା, ସେଗୁଡ଼ିକୁ ଡିବିଏନ ଯୋଜନାର ଆବରଣରୁ ବାଦ ଦିଆଯାଇଥିଲା। ଫଳସ୍ୱରୂପ, ସଂଯୋଗ ସୁଦୃଢ଼ କରିବା ପରିବର୍ତ୍ତେ ଅନେକ ବସତିକୁ ପ୍ରଭାବଶାଳୀ ଭାବରେ ଡିଜିଟାଲ୍ ସେବାରୁ ବଞ୍ଚିତ ରଖାଯାଇଛି। ସରକାର ଦାବି କରୁଛନ୍ତି ଯେ ବିଳମ୍ବ ପାଇଁ କାର୍ଯ୍ୟାନ୍‌ୱୟନ ସଂସ୍ଥାଗୁଡ଼ିକ ବିରୁଦ୍ଧରେ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କିନ୍ତୁ ଏହା ସତ୍ତ୍ୱେ ଜିଲ୍ଲାୱାରୀ ଦାୟିତ୍ୱ ନିର୍ଦ୍ଧାରଣ, ଟାୱାର-ୱାରୀ କାର୍ଯ୍ୟସ୍ଥିତି, କିମ୍ବା ସମୟସୀମା ଭିତ୍ତିକ ସମାପ୍ତି ରୋଡମ୍ୟାପ୍ ସାର୍ବଜନୀନ ଭାବେ ପ୍ରକାଶ କରାଯାଇନାହିଁ। ଭବିଷ୍ୟତ ସଂଯୋଗୀକରଣ ସମ୍ପର୍କରେ ଦିଆଯାଇଥିବା ଉତ୍ତରରେ ଆହୁରି ଚିନ୍ତାଜନକ ସଙ୍କେତ ମିଳୁଛି। ସେଠାରେ ସ୍ପଷ୍ଟ କରାଯାଇଛି ଯେ ଟେଲିକମ୍ ସେବା ପ୍ରଦାନକାରୀମାନେ ୫ଜି ସେବା କେବଳ ଟେକ୍ନୋ-ବାଣିଜ୍ୟିକ ବିଚାର ଆଧାରରେ ଆରମ୍ଭ କରିବେ। ଏହାର ଅର୍ଥ ହେଉଛି ଯେ ଆଦିବାସୀ ପ୍ରଧାନ ଓ ଦୂରଦୂରାନ୍ତ ଅଞ୍ଚଳଗୁଡ଼ିକ ପରବର୍ତ୍ତୀ ପିଢ଼ିର ଡିଜିଟାଲ୍ ଭିତ୍ତିଭୂମିରୁ ସ୍ଥାୟୀ ଭାବରେ ବାଦ ପଡ଼ିଯିବାର ଗମ୍ଭୀର ଆଶଙ୍କା ରହିଛି। ଏହି ସରକାରୀ ଉତ୍ତର "ଡିଜିଟାଲ୍ ଇଣ୍ଡିଆ'ର ଦାବିକୃତ ପ୍ରତିଶ୍ରୁତି ଓ ଆଦିବାସୀ ସମ୍ପ୍ରଦାୟର ଦୈନନ୍ଦିନ ବାସ୍ତବତା ମଧ୍ୟରେ ଥିବା ଗଭୀର ଏବଂ ଚିନ୍ତାଜନକ ବ୍ୟବଧାନକୁ ସ୍ପଷ୍ଟ ଭାବେ ଉଜାଗର କରେ। ଆଜିର ପରିପ୍ରେକ୍ଷୀରେ ମୋବାଇଲ୍ ଓ ଇଣ୍ଟରନେଟ୍ ସଂଯୋଗ କୌଣସି ବିଳାସପୂର୍ଣ୍ଣ ସୁବିଧା ନୁହେଁ; ଏହା ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, କ୍ଷୁଦ୍ର ବ୍ୟବସାୟ ଓ କାର୍ଯ୍ୟକ୍ଷମ ଶାସନ ପାଇଁ ଏକ ମୌଳିକ ସାର୍ବଜନୀନ ସେବା ଭାବେ ପରିଣତ ହୋଇଛି। ଛାତ୍ରଛାତ୍ରୀ, ରୋଗୀ, ଚାଷୀ ଓ ସାଧାରଣ ନାଗରିକଙ୍କ ଜୀବନରେ ଏହାର ଗୁରୁତ୍ୱ ଚିନ୍ତା କଲେ, ଆଦିବାସୀ ଓ ପଛୁଆ ଅଞ୍ଚଳଗୁଡ଼ିକୁ କେବଳ ବଜାର ଯୁକ୍ତିରେ ଛାଡ଼ି ଦେବା କିମ୍ବା ଜାତୀୟ ଯୋଜନାମାନଙ୍କର ଅବଶିଷ୍ଟ ଲାଭଭୋଗୀ ଭାବେ ବ୍ୟବହାର କରିବା ନୀତିଗତ ଓ ସାମ୍ବିଧାନିକ ଭାବେ ଅନସ୍ୱୀକାର୍ଯ୍ୟ। ଡିଜିଟାଲ୍ ସମାବେଶ ସୁନିଶ୍ଚିତ କରିବା ରାଷ୍ଟ୍ରର ମୌଳିକ ଦାୟିତ୍ୱ, ଯାହା ଆଦିବାସୀ ସମୁଦାୟଙ୍କୁ ସମାନ ଅଧିକାର ଓ ସୁଯୋଗ ପ୍ରଦାନ କରିବାର ଏକ ଆବଶ୍ୟକ ସର୍ତ୍ତ ବୋଲି କୋରାପୁଟ ଲୋକସଭା ସାଂସଦ ତଥା ଷ୍ଟାଣ୍ଡିଂ କମିଟି ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ଅଧ୍ୟକ୍ଷ ସପ୍ତଗିରି ଶଙ୍କର ଉଲାକା ଉଲ୍ଲେଖ କରିଛନ୍ତି।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ପଟ୍ଟାଙ୍ଗି,୪।୨(ସମିସ): କୋରାପୁଟ ଜିଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପଟ୍ଟାଙ୍ଗି ଠାରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସରକାରୀ ଉଚ୍ଚ ବିଦ୍ୟାଳୟ ପଟ୍ଟାଙ୍ଗିର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି ଯୋଗଦାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କା, ପଟ୍ଟାଙ୍ଗି ଜୋନ ୨ର ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, ସମିତି ସଭ୍ୟା ଶିବାନୀ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲକ୍ଷ୍ମଣ ଚିକୁଡୁ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ଯଶବନ୍ତ ଭୋଇ ଏବଂ ଛାତ୍ରୀ ଭାବେ ମମତା ଦିସାରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଛାତ୍ର ଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଞ୍ଚ ପରିଚାଳନା ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ସାହୁ କରିଥିଲେ। କାର୍ଯ୍ୟକ୍ରମ ସଫଳ କରିବା ନିମନ୍ତେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ତଥା ଭଗବାନ ସୀସା, ପ୍ରକାଶ ଚନ୍ଦ୍ର ପଣ୍ଡା, ଅନିତା ରାଉତ, ଆସ୍ୱାନା ନିତୁ, ପ୍ରୟାସ କୁମାର ସାହୁ, ଶିବ ଶଙ୍କର ସାହୁ, ଶୁଭଶ୍ରୀ ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ସାହୁ, ମନ୍ଦାକିନୀ ଶବର, ହମିଦ କୁମାର ବଡେକ୍, ନମିତା କୁମାରୀ ପୂଜାରୀ, ରଶ୍ମିତା ମାଝି, ସୁଜାତା ସଏ, ଧରିତ୍ରୀ ଲେଙ୍କା, ମମିତା ମହାରଣା, ପ୍ରଫୁଲ୍ଲ କୁମାର ମହାରଣା ଏବଂ ଅନ୍ୟ କର୍ମକର୍ତ୍ତା ତଥା ଏଲ୍ ଉଷାରାଣୀ, ତୃପ୍ତିମୟୀ ପଣ୍ଡା ଓ ସୀନିତା ଖରା ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଟ୍ରକ୍-ବାଇକ୍ ଧକ୍କା, ଯୁବକ ମୃତ

ପଟ୍ଟାଙ୍ଗି,୪।୨(ସମିସ): କୋରାପୁଟ ଜିଲ୍ଲା ସୁଙ୍କି ଥାନା ଅନ୍ତର୍ଗତ ପେଟୁର ଗ୍ରାମର ଗଙ୍ଗା ମା' ମନ୍ଦିର ନିକଟରେ ଟ୍ରକ ସହ ବାଇକ୍‌ର ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଆମ୍ପାବିଲୀ ଠାରୁ କିଙ୍କର ଲୁହା ପଥର ବୋଝେଇ ଏକ ଟ୍ରକ ଚୌଦ୍ୱାର ନିମନ୍ତେ ବାହାରିଥିଲା। ଅପରପାଖରୁ ସୁଙ୍କି ଦିଗରୁ ଏକ ଯୁବକ ନିଜ ଗ୍ରାମ କବାଟଗୁଡ଼ା ଗ୍ରାମକୁ ନିଜ ପଲସର ବାଇକ୍ ସହ ଫେରୁଥିଲେ। ପେଟୁର ଗ୍ରାମର ଗଙ୍ଗା ମା ମନ୍ଦିର ନିକଟରେ ଉଭୟ ଟ୍ରକ ସହ ବାଇକର ଧକ୍କା ହୋଇଥିଲା। ଫଳରେ ବାଇକ୍ ଚଳାଉଥିବା ଯୁବକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ସୁଙ୍କି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରିବା ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗିକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏନେଇ ପୋଲିସ କେଶ ନଂ ୮/୨୬ ରୁଜୁ କରି ମୃତ ଶରୀରଟିକୁ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ମୃତ ଯୁବକଙ୍କ ନାମ ହନ୍ତାଳ ତ୍ରିନାଥ ହୋଇଥିବା ବେଳେ ପୁଲିସ ଉକ୍ତ ଘଟଣାର ଅଧିକ ତଦନ୍ତ କରୁଥିବା ଜଣାପଡିଛି।

## ଶୁଣିଲାନି ପ୍ରଶାସନ, ଚେକ୍‌ଡ୍ୟାମ୍ ମରାମତି କଲେ ଚାଷୀ



ପଦ୍ମପୁର,୪।୨(ସମିସ): ଖରିଫ ଧାନ ଚାଷ ପାଇଁ ମରାମତି ହେଲା ନାହିଁ ଚେକ ଡ୍ୟାମ୍। ଚାଷୀଙ୍କ ଗୁହାରିକୁ ନେଇ ରବି ଋତୁରେ ତିଆରି କରିବେ ବୋଲି ପ୍ରତିଶୃତି ଦେଇଥିଲା ପ୍ରଶାସନ। କିନ୍ତୁ ପ୍ରତିଶୃତି ପାଣିର ଗାର ପାଲଟି ଥିବାରୁ ଚାଷୀ ମାନେ ଏକାଠି ହୋଇ ଚାନ୍ଦା ଆଦାୟ କରି ଡେଶିକା ତୋଟା ଚେକଡେମକୁ ମରାମତି କରିଛନ୍ତି। ଏମିତି ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଲାଉଗୁଡ଼ା ମୌଜାରେ। ଲାଉଗୁଡା ସ୍ଥିତ ଦେଶିକା ତୋଟା ନାଳ ଉପରେ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ଦୀର୍ଘ ୧୨ ବର୍ଷ ତଳେ ଲକ୍ଷାଧିକ ଟଙ୍କା ଅଟକଳରେ ନିର୍ମାଣ ହୋଇଥିଲା ଚେକ୍ ଡ୍ୟାମ୍। ଏହି ଡ୍ୟାମ୍ ହେବା ଫଳରେ ଚାଷୀଙ୍କ ମୁହଁରେ ହସ ଫୁଟିଥିଲା। ଖରିଫ ଋତୁ ଆସିଲେ ନାଳରେ ବର୍ଷା ପାଣି ଆସି ଆଗୁଆ ଧାନ ଚାଷ ନିମନ୍ତେ ଚାଷ କରି ତଳି ସହ ବୁଣାବୁଣି କାର୍ଯ୍ୟ ଆରମ୍ଭ ହୋଇଥାଏ। ହେଲେ ଗତ ୨ବର୍ଷ ହେଲା ବନ୍ୟା ପାଣି ଆସି କିଛି ଅଂଶ ଭାଙ୍ଗି ରୁଜି ଯାଇଛି। ବିଭିନ୍ନ ସ୍ଥାନରେ ସିମେଣ୍ଟ ପ୍ଲାଷ୍ଟର ଅଂଶ ପାଣି ଖାଇ ନଷ୍ଟ ହେବାକୁ ଲାଗିଲା। ଲୁହା କବାଟ ମଧ୍ୟ କଳଙ୍କ ହୋଇ ଗଲାଣି। ପଥର ପ୍ୟାକିଂକୁ ଧୋଇ ନେଇ ଗଲାଣି ବନ୍ୟା ପାଣି। ସେହିପରି ପ୍ରୋଟେକ୍ସନ ୱାଲ ମଧ୍ୟ ନଷ୍ଟ ହୋଇଗଲାଣି। ଏ ସମ୍ପର୍କରେ ମରାମତି କରିବା ସକାଶେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଏଠାକାର ଚାଷୀ ମାନେ ଅଭିଯୋଗ କରିଥିଲେ। ପରେ ଗୁଣପୁର କ୍ଷୁଦ୍ର ଜଳ ସେଚନ ବିଭାଗ ତରଫରୁ କନିଷ୍ଠ ଯନ୍ତ୍ରୀ ମଧ୍ୟ ଡିସେମ୍ବର ମାସ ଶେଷ ଆଡକୁ ବୁଲି ଆସି ପ୍ରକଳ୍ପକୁ ଦେଖିଥିଲେ। ଆଉ ଅତି ଶୀଘ୍ର ଟଙ୍କା ଆସିଲେ ରବି ଋତୁ ପୂର୍ବରୁ ମରାମତି କରାଯିବ ବୋଲି ଚାଷୀଙ୍କୁ କହିଥିଲେ। କିନ୍ତୁ ମରାମତି ହେଲା ନାହିଁ। ହେଲେ ରବି ଧାନ ଚାଷ ନିମନ୍ତେ ମଙ୍ଗଳବାର ଚାଷୀ ମାନେ ଏକଜୁଟ ହୋଇ ଶ୍ରମ ଦାନ ଦେବା ସହ ଟଙ୍କା ଚାନ୍ଦା ଆଦାୟ କରି ମରାମତି କରିଥିଲେ। ଏଥିସହ ବାଲିବସ୍ତା ପ୍ୟାକିଂ ଦେଇ ପାଣି ନେଇ ଚାଷ କରିବା ସକାଶେ ପ୍ରୟାସ ଜାରି ରଖିଛନ୍ତି। ଏହି ମରାମତି ସମୟରେ ଶ୍ରୀନିବାସ ପାଣିଗ୍ରାହୀ, ଗୌରୀ ପାଣିଗ୍ରାହୀ, ମୁରଲୀ ସାହୁ, ରଞ୍ଜନ ପାଢ଼ୀ ରବୀନ୍ଦ୍ର ନାଥ ମହାପାତ୍ର, ତ୍ରିନାଥ ଗୌଡ଼ ସନ୍ତୋଷ, ସନୁ, ପୂର୍ଣ୍ଣଙ୍କ ସହ ଅନେକ ଚାଷୀ ନିଜେ ଶ୍ରମ ଦାନ ଦେଇ ମରାମତି କରିଥିଲେ। ହେଲେ ଡବଲ ଇଞ୍ଜିନ ସରକାର ଚାଷୀଙ୍କ ହିତ ପାଇଁ ଆସୁଥିବା ସେଚ ପ୍ରକଳ୍ପ କେବେ ମରାମତି କରିବ ଏବଂ ଜଳସେଚନ ପାଇଁ ସୁବିଧା କରିବ ତାକୁ ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

## ବ୍ଲକ୍‌ସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା

ନନ୍ଦପୁର,୪।୨ (ସମିସ): ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ୨୦୨୫-୨୬ ଆନୁକୂଲ୍ୟରେ ଆଜି ନନ୍ଦପୁର ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତିନି ସ୍ତରରେ ଅନୁଷ୍ଠିତ ଏହି ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ଭାଗ ନେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅଙ୍କୁଲତା ଗରଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଇଓ ମମତାଜ ଗୋମାଙ୍ଗ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ସ୍ମାରକୀ ଦେଇ ପ୍ରୋତ୍ସାହିତ କରାଯାଇଥିଲା। ସବ୍ ଜୁନିଅର୍ ସ୍ତରରେ ଅସ୍ମିନ ଗୋଲରି, ତ୍ରିପତି ଖରା ଓ ପ୍ରବୀଣ କୁମାର ପାଙ୍ଗି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଜୁନିଅର୍ ସ୍ତରରେ ଆକାଶ ଖେମୁଣ୍ଡୁ , ବିଷ୍ଣୁ ପ୍ରିୟା ହନ୍ତାଳ ଓ ସୋଭାଗ୍ୟ ତନ୍ମୟ ବିଶ୍ୱାଳ ଏବଂ ସିନିୟର୍ ସ୍ତରରେ ପ୍ରଶାନ୍ତ କିର୍ଷାନୀ, ଗୋପାଳ ପାଙ୍ଗି, ସୁରେନ୍ଦ୍ର ଦଳେଇ ପ୍ରମୁଖ ବିଜେତା ଘୋଷିତ ହୋଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଭିନ୍ନ ଅଞ୍ଚଳର ସିଆରସିସି ଯଥା ବିଦ୍ୟାଧର ପାଣିଗ୍ରାହୀ, ଶାସନେ ଶେଖର ଜେନା,



ଭଗବାନ ମହାପାତ୍ର, ଲମ୍ବୋଦର ବେହେରା, ମଣ୍ଟୁ ଦଳେଇ, କେ. ସୀତାରାମୟା, ନିରଞ୍ଜନ ମହାନନ୍ଦିଆ, ପ୍ରଶାନ୍ତ ଖଣ୍ଡପାଣି, ରାମକୃଷ୍ଣ ପାଢ଼ୀ, ସରସ୍ୱତୀ ଭୋଳ, ମନୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଦୀପ ତ୍ରିପାଠୀ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## କ୍ୟାନ୍‌ସର ସଚେତନତା କାର୍ଯ୍ୟକ୍ରମ




ରାୟଗଡ଼ା୪।୨(ସମିସ) ରାୟଗଡ଼ା ପ୍ରେମ ପାହାଡ଼ ସ୍ଥିତ ୱାର୍କର୍ସ କ୍ଲବ୍ ଦ୍ୱାରା ପ୍ରେମ ପାହାଡ଼ ଉପରେ ଥିବା କମ୍ୟୁନିଟ୍ ହଲରେ କ୍ଲବର ସଭାପତି ବ୍ରଜ ସୁନ୍ଦର ନାୟକଙ୍କ ସଭାପତିତ୍ୱରେ ଅନ୍ତର୍ଜାତୀୟ କ୍ୟାନସର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଡି. କେ.ଦେବ, ଛାତି ଓ ଯକ୍ଷ୍ମା ରୋଗ ବିଶେଷଜ୍ଞ ବିଭିନ୍ନ ପ୍ରକାର କ୍ୟାନସର, କ୍ୟାନସର ରୋଗର କାରଣ, ଉତ୍ପତ୍ତି ଓ ନିରାକରଣ ବିଷୟରେ ଅତି ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ମଦ, ଗୁଟ୍‌ଖା, ସିଗାରେଟ୍ ଇତ୍ୟାଦି ମାଦକ ଦ୍ରବ୍ୟ ସେବନ କ୍ୟାନସର ରୋଗର ମୁଖ୍ୟ କାରଣ ବୋଲି କହିବା ସଙ୍ଗେ ସଙ୍ଗେ ଏହି ରୋଗ ପ୍ରତି ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଦେଷ୍ଟା ତଥା ମୁଖ୍ୟ ସଂଯୋଜକ ସତ୍ୟବାଦୀ ପତି, ଏ.ଡି.ପି. ଅଭିମନ୍ୟୁ ନାୟକ, ଆଞ୍ଚଳିକ ସଂଯୋଜକ ଟି. ଜୟରାମ, ପୂର୍ବତନ ସଭାପତି ଦାଶରଥି ରାଜଗୁରୁ ଓ ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି, ଡି.ଜି. (ଇଲେକ୍ଟ) ପ୍ରତାପ ଚନ୍ଦ୍ର ବାଉରି, ଭାଇସ ଡି.ଜି. ଶଙ୍କର୍ଷଣ ମଙ୍ଗରାଜ, ସମ୍ପାଦକ ମନ୍ମଥ ତୁଳ ଓ କୋଷାଧ୍ୟକ୍ଷ ଗୋପାଳ ଜୈନ ତଥା ଅନ୍ୟ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମଧୁବାବୁଙ୍କ ତିରୋଧାନ ଦିବସ



ରାୟଗଡ଼ା, ୪।୨(ସମିସ): ଉତ୍କଳ ସମ୍ମିଳନୀ ରାୟଗଡ଼ା ଜିଲ୍ଲା ତରଫରୁ ମଧୁବାବୁଙ୍କ ତିରୋଧାନ ଦିବସ ସ୍ଥାନୀୟ ଜିଲ୍ଲା ନ୍ୟାୟାଳୟ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ଠାରେ ଜିଲ୍ଲା ସଭାପତି ବ୍ରଜ ସୁନ୍ଦର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବ୍ରାହ୍ମଣ ସମାଜ ସଭାପତି ମଦନ ମୋହନ ପାଢ଼ୀ, ୱାକର୍ସ କ୍ଲବର ପୂର୍ବତନ ଡିଜି କିଶୋର ଚନ୍ଦ୍ର ପଣ୍ଡା, ବରିଷ୍ଠ ଓକିଲ ତଥା ଶ୍ରମିକ ନେତା ସୁନିଲ କର, ଅବସରପ୍ରାପ୍ତ ପ୍ରାଧାପକ ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି, ପଞ୍ଚବଟୀର ସମ୍ପାଦକ ସୁଶାନ୍ତ କୁମାର ନାୟକ, ସମ୍ପାଦକ ବିନାୟକ କର, କୋଷାଧ୍ୟକ୍ଷ ଲୁଲୁ ପଣ୍ଡା, ସଭ୍ୟ ସତ୍ୟ ମିଶ୍ର, କାହ୍ନୁ ମିଶ୍ର, କୈଳାସ ରଥ, ବାବୁଲାଲ ଗନ୍ତାୟତ, ବିଶ୍ୱନାଥ ସାହୁ, ଦାଶରଥି ରାଜଗୁରୁ, ମନ୍ମଥ ତୁଳ ଓ ରବି ଶତପଥି ଯୋଗ ଦେଇ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ କାର୍ଯ୍ୟକାରୀ ସମ୍ପାଦକ ଅରୁଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଭ୍ୟ ଶିବ ପ୍ରସାଦ ମିଶ୍ର ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ ଫିଟନେସ୍ ପ୍ରତିଯୋଗିତା




ତେନ୍ତୁଳିଖୁଣ୍ଟି, ୪।୨(ସମିସ) ଇନ୍ଦ୍ରାବତୀ ସ୍ଥିତ ସ୍ଥାନୀୟ ଦୁର୍ଗା ମଣ୍ଡପ ପରିସରରେ ଏକ ବ୍ଲକ ସ୍ତରୀୟ ଫିଟନେସ ଆଣ୍ଡ ଫିଜିକାଲ ଇଭେଣ୍ଟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ନ୍ୟାସନାଲ ପାୱାର ଲିଫ୍ଟର ବିଶି କେସନ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆୟୋଜିତ ଏହି ପ୍ରତିଯୋଗିତାରେ ଡେପୁଟି କଲେକ୍ଟର ଆଣ୍ଡ ସ୍ପୋର୍ଟ୍ସ ଅଧିକାରୀ ସତ୍ୟଜିତ ଗାହଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ତେନ୍ତୁଳିଖୁଣ୍ଟି ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ଯୁବ ନେତା ବାବୁନି ନାୟକ ଯୋଗଦେଇଥିଲେ। ନେସନାଲ ପାୱାର ଲିଫ୍ଟର ପରିମଳ ସୁନା ଖେଳ ପରିଚାଳନା କରିଥିଲେ। ଶକ୍ତି ଉତ୍ତୋଳନ, ଭାର ଉତ୍ତୋଳନ, ପୁସଅପ ପୁଲଅପ, ଶରୀର ଶକ୍ତି ପ୍ରଦର୍ଶନ, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଣ୍ଟରନେସନାଲ ସ୍ୱର୍ଣ୍ଣ ପଦକ ବିଜେତା ରମେଶ ଗରଡ଼ା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ କୃତି ପ୍ରତଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ସ୍କ୍ୱାଟ ପ୍ରତିଯୋଗିତା ରେ ସବ ଜୁନିଅର ବର୍ଗରେ ଅନିଲ କୁମାର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରିତେଶ ବାଗ ଦ୍ୱିତୀୟ ଏବଂ ସାହିଲ ବାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଜୁନିଅର ବର୍ଗରେ ରୁଦ୍ର ନାରାୟଣ ପ୍ରଥମ ସ୍ଥାନ, ଆକାଶ ହରିଜନ ଦ୍ୱିତୀୟ ଏବଂ ବିଜୟ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବର୍ଗ ରେ ଜିତୁ ହରିଜନ ପ୍ରଥମ, ରାହୁଲ ଜାନି ଦ୍ୱିତୀୟ, ଚୂଡ଼ାମଣି ବାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆୟୋଜିତ ବେଞ୍ଚ ପ୍ରେସ ପ୍ରତିଯୋଗିତାର ସବ ଜୁନିଅରରେ ଅନିଲ କୁମାର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସୂର୍ଯ୍ୟ ହରିଜନ ଦ୍ୱିତୀୟ ଏବଂ ଆଦିତ୍ୟ କୁମାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜୁନିଅର ବର୍ଗ ରେ ସନ୍ତୋଷ ସାହୁ ପ୍ରଥମ, ରୁଦ୍ର ନାରାୟଣ ଦ୍ୱିତୀୟ ଏବଂ ବବଲୁ ଧୋବା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିଅର ବର୍ଗ ରେ ଜିତୁ ହରିଜନ ପ୍ରଥମ, ହରେକୃଷ୍ଣ ବିଶୋଇ ଦ୍ୱିତୀୟ ଏବଂ ରାହୁଲ ଜାନି ତୃତୀୟ ସ୍ଥାନ ଅଧିକାର କରିଥିଲେ । ଡେଡ ଲିଫ୍ଟ ସବ ଜୁନିଅରରେ ଅନିଲ କୁମାର ପ୍ରଥମ, ସୂର୍ଯ୍ୟ ନାରାୟଣ ସୁନା ଦ୍ୱିତୀୟ ଏବଂ ସାହିଲ ବାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜୁନିଅର ବର୍ଗରେ ରୁଦ୍ର ନାରାୟଣ ସୁନା ପ୍ରଥମ, ବବୁଲୁ ଧୋବା ଦ୍ୱିତୀୟ ଏବଂ ଦିବ୍ୟ ମୋହନ ଗଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସିନିଅର ବର୍ଗରେ ଜିତୁ ହରିଜନ ପ୍ରଥମ, ରାହୁଲ ଜାନି ଦ୍ୱିତୀୟ ଏବଂ ଅର୍ଜୁନ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ମିଷ୍ଟର ଇନ୍ଦ୍ରାବତୀ ଭାବେ ସମୀର ହରିଜନଙ୍କୁ ପୁରସ୍କୃତ କରାଯାଇ ଥିବା ବେଳେ ମିଷ୍ଟର ଷ୍ଟ୍ରଙ୍ଗ ମେନ ଭାବରେ ରୁଦ୍ର ନାରାୟଣ ସୁନା ଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଶିକ୍ଷକ ବର୍ଗରେ ସବିର ବାଗ ଏବଂ ପ୍ରଣୟ ଟକ୍ରି ପୁରସ୍କୃତ ହୋଇଥିଲେ। ଫିଟନେସ ୱାରିଅର ଜିମର ସଦସ୍ୟ ବୁବୁଲି ସିଂ, ସାହିଲ ଖାନଙ୍କ ସମେତ ଅନ୍ୟ ସଦସ୍ୟ ପ୍ରତଯୋଗୀତା ରେ ପୂର୍ଣ୍ଣ ସହଯୋଗ କରଥିଲେ। ଆଗାମୀ ଦିନରେ ଷ୍ଟେଟ ଲେଭାଲ ପ୍ରତିଯୋଗିତା ଆୟୋଜିତ ହେବା ନେଇ ସୂଚନା ଦେଇଛନ୍ତି ଫିଟ ନେସ ୱାରିଆର ଜିମ୍‌ର ପ୍ରଶିକ୍ଷକ ବିଶି କେଶନ ଛତ୍ରିଆ।

## କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ପୋଡ଼ାଗଡ଼,୪।୨(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମା ସ୍ଥିତ କସ୍ମିନ କମ୍ପ୍ୟୁଟର ଏଜେନ୍ସି ଠାରେ ୧୬ଟି ପଞ୍ଚାୟତର ମିଶନ ଶକ୍ତିରେ ପଞ୍ଚାୟତସ୍ତରରେ କାର୍ଯ୍ୟରତ ଏମ୍‌ବିକେ ମାନଙ୍କର ୨୦ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ କରାଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟା ଏଲି ମଧୁସ୍ମିତା ବାଘ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ହେଲା ପଞ୍ଚାୟତସ୍ତରରେ କିପରି କମ୍ପ୍ୟୁଟର ମାଧ୍ୟମରେ ଏମ୍‌ବିକେ ମାନେ ନିଜ ନିଜ କାର୍ଯ୍ୟ ପରିଚାଳନା କରିବେ। ତାହାକୁ ଆଖି ଆଗରେ ରଖି ପ୍ରଶିକ୍ଷଣ ନେଉଥିବା ଦଶମନ୍ତପୁର ଏମ୍‌ବିକେ ସୋନ୍ତଶି ମହାରଣା, ମଧୁସ୍ମିତା କୁଲଦୀପ ପଲ୍ଲିନା ଟାକ୍ରି, ରଶ୍ମିତା ମାଝୀ, ଶାନ୍ତି ପୁରୁ ସେଠୀ, ସ୍ନିଗ୍ଧା ହିଆଲ ପ୍ରମୁଖ ପ୍ରଶିକ୍ଷଣ ନେଉଛନ୍ତି। ଏହି ପ୍ରଶିକ୍ଷଣ ଶିବିର ପରିଚାଳନା କରୁଛନ୍ତି ଏଏଲସି କୋର୍ଡିନେଟର କବିତା ବିସଇ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଶିକ୍ଷା ମନ୍ତ୍ରଣାଳୟର ଭୁଲ ତଥ୍ୟ

କୋରାପୁଟ,୪।୨(ସମିସ): କୋରାପୁଟ ସାଂସଦ ସପ୍ତଗିରୀ ଶଙ୍କର ଉଲ୍ଲାକାଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଯେଉଁ ବିବରଣୀ ରଖାଯାଇଛି, ତାହା ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ସାଂସଦ କହିଛନ୍ତି। ଏହି ଉତ୍ତର ସଂସଦରେ କରାଯାଇଥିବା ସରକାରୀ ଦାବି ଏବଂ ଭାରତର ସବୁଠାରୁ ବଞ୍ଚିତ ଆଦିବାସୀ ଏବଂ କେବିକେ ଅଞ୍ଚଳରେ ଅବସ୍ଥିତ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାସ୍ତବତା ମଧ୍ୟରେ ବିଚ୍ଛିନ୍ନତାକୁ ପ୍ରକାଶ କରେ ବୋଲି ଶ୍ରୀ ଉଲ୍ଲାକା ପ୍ରେସ ବିଜ୍ଞପ୍ତିରେ କହିଛନ୍ତି।

ସାଂସଦ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟକୁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ବୋଲି ମନ୍ତ୍ରଣାଳୟର ଦାବି, ତାହାର ନିଜସ୍ୱ ସ୍ୱୀକାରୋକ୍ତି ସହିତ ସ୍ପଷ୍ଟ ଭାବେ ପରିପନ୍ଥୀ। ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ମଞ୍ଜୁରିପ୍ରାପ୍ତ ୭୪୭.୬୮ କୋଟି ମଧ୍ୟରୁ ଆଜି ପର୍ଯ୍ୟନ୍ତ କେବଳ ୩୨୬.୯୭ କୋଟି ଟଙ୍କା ମାତ୍ର ପ୍ରଦାନ କରାଯାଇଥିବା ସତ୍ୟ ଏହି ଦାବିକୁ ସମ୍ପୂର୍ଣ୍ଣ ଭାବେ ଭୁଲ ପ୍ରମାଣିତ କରେ। ଫଳରେ ଅସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଆବାସିକ ଭିତ୍ତିଭୂମି, ପ୍ରତିବନ୍ଧିତ ଗବେଷଣା ସୁବିଧା ଏବଂ ଜାତୀୟ ମାନଦଣ୍ଡ ଅନୁଯାୟୀ ଛାତ୍ର ଗ୍ରହଣ କରିବାରେ ଅସମର୍ଥତା ଦେଖାଦେଇଛି। ଏହା ସ୍ପଷ୍ଟ ଭାବରେ ପ୍ରଶାସନିକ ଅବହେଳାକୁ ଦର୍ଶାଉଛି ବୋଲି ସାଂସଦ ପ୍ରତିକ୍ରିୟା ରଖିଛନ୍ତି। ସଂସଦରେ

### ସାଂସଦଙ୍କ ତୀବ୍ର ପ୍ରତିକ୍ରିୟା

ଏହି ପ୍ରସଙ୍ଗ ବାରମ୍ବାର ଉଠାଯାଇଛି। କୋରାପୁଟ ଭଳି ଏକ ଆଦିବାସୀ ଏବଂ ଦୁର୍ଗମ ଅଞ୍ଚଳରେ ଦୀର୍ଘକାଳୀନ ଅଧ୍ୟାପକଙ୍କ ଅଭାବ ସିଧାସଳଖ ଭାବରେ ଶିକ୍ଷାଗତ ଗୁଣବତ୍ତା, ଗବେଷଣା ଉତ୍ପାଦନ ଏବଂ ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସକୁ କ୍ଷତିଗ୍ରସ୍ତ କରେ। ଅଧ୍ୟାପକ ନିଯୁକ୍ତିରେ ସଂରକ୍ଷଣ ମାନଦଣ୍ଡର ପଦ୍ଧତିଗତ ହ୍ରାସ ଆହୁରି ଗମ୍ଭୀର ଚିନ୍ତାର ବିଷୟ। ଆଡ୍-ହକ୍ ଏବଂ ଚୁକ୍ତିଭିତ୍ତିକ ନିଯୁକ୍ତିଗୁଡ଼ିକୁ ସାମ୍ବିଧାନିକ ସଂରକ୍ଷଣ ଆବଶ୍ୟକତାକୁ ଏଡାଇ ଏକ ସମାଧାନ ଭାବରେ ବର୍ଦ୍ଧିତ ଭାବରେ ବ୍ୟବହାର କରାଯାଉଛି। ଏକ ଆଦିବାସୀ ବହୁଳ ଜିଲ୍ଲାରେ ଅବସ୍ଥିତ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇଁ, ଏସ୍‌ଟି ଅଧ୍ୟାପକଙ୍କ ପ୍ରତିନିଧିତ୍ୱର ଅଭାବ କେବଳ ବିଡ଼ମ୍ବନା ନୁହେଁ, ଏହା ସମ୍ପୂର୍ଣ୍ଣ ଭାବେ ଅଗ୍ରହଣୀୟ। ସାମାଜିକ ନ୍ୟାୟ ଏବଂ ଆଞ୍ଚଳିକ ସମାନତାର ଏକ ଉପକରଣ ଭାବରେ କୋରାପୁଟରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାର ଯୁକ୍ତିକୁ ଦୁର୍ବଳ କରେ। ପର୍ଯ୍ୟାପ୍ତ ଛାତ୍ରାବାସର ଅଭାବ, ସୀମିତ ପ୍ରୟୋଗଶାଳା ସୁବିଧା, ଅପର୍ଯ୍ୟାପ୍ତ କର୍ମଚାରୀ ବାସସ୍ଥାନ ଏବଂ ସୀମାବଦ୍ଧ ଛାତ୍ର ସହାୟତା ବ୍ୟବସ୍ଥା ଶିକ୍ଷାଦାନ ଏବଂ ଶିକ୍ଷଣ ପରିବେଶ ଉଭୟକୁ ଗଭୀର ଭାବରେ ପ୍ରଭାବିତ କରୁଛି। ଦୁର୍ବଳ ଦୈନନ୍ଦିନ ପରିସ୍ଥିତି ଏବଂ ଶୈକ୍ଷିକ ଭିତ୍ତିଭୂମିର ଅଭାବ ଅଧ୍ୟାପକଙ୍କ ସ୍ଥାୟୀତ୍ୱକୁ ଶୌଚନିୟ ଭାବେ ପ୍ରଭାବିତ କରେ, ଫଳସ୍ୱରୂପ ଏକ ଦୂରବର୍ତ୍ତୀ ଅଞ୍ଚଳରେ ଯୋଗ୍ୟ ଶିକ୍ଷକମାନଙ୍କୁ ଆକର୍ଷିତ କରିବା ଏବଂ ଦୀର୍ଘକାଳ ଧରି ରଖିବା ଆହୁରି କଠିନ ହୋଇଯାଏ।

ଆଭ୍ୟନ୍ତରୀଣ ଆଦିବାସୀ ଅଞ୍ଚଳର ଛାତ୍ରଛାତ୍ରୀ, ଯେଉଁମାନଙ୍କ ପାଇଁ ଏହି ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷାର ପ୍ରବେଶ ଦ୍ୱାର ଭାବରେ କଳ୍ପନା କରାଯାଇଥିଲା, ସେମାନେ ଏହି ପଦ୍ଧତିଗତ ତ୍ରୁଟି ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି। ୨୦୧୭ ମସିହାର ନାକ୍ ମାନ୍ୟତାରେ ବି+ ଗ୍ରେଡ୍ ପ୍ରାପ୍ତିକୁ ଆଧାର କରି ଚାଲୁଥିବା ନିର୍ଭରଶୀଳତା କିପରି ଧୀରେ ଧୀରେ ଏକ ଫମ୍ପା ଅଭ୍ୟାସରେ ପରିଣତ ହୋଇଛି ତାହା ଆହୁରି ସ୍ପଷ୍ଟ କରୁଛି। ପ୍ରାୟ ଏକ ଦଶନ୍ଧି ପୁରୁଣା ମୂଲ୍ୟାଙ୍କନକୁ ଗୁଣାୟକ ପ୍ରମାଣ ଭାବରେ ବାରମ୍ବାର ଉଲ୍ଲେଖ କରାଯାଇପାରିବ ନାହିଁ । ମୂଳସ୍ତରର ବାସ୍ତବତାକୁ ପ୍ରତିଫଳିତ କରିବାରେ ବିଫଳ ମାନ୍ୟତା ପ୍ରଣାଳୀ ଛାତ୍ର, ଅଧ୍ୟାପକ କିମ୍ବା ସାଧାରଣ ଜନସ୍ୱାର୍ଥକୁ ସେବା କରିବାରେ ଅସମର୍ଥ ହୋଇଯାଏ ବୋଲି ସାଂସଦ ଉଲ୍ଲାକା ପ୍ରତିକ୍ରିୟା ରଖିଛନ୍ତି।

